ପ୍ରଥମ ସ୍ତମ୍ଭ...

ତଥ୍ୟ କେନ୍ଦ୍ରର ଆତଙ୍କ !

ସୁଧୀର ପଟ୍ଟନାୟକ

୯୪୩୭୦୧୯୩୯୫ //sudhir.pattnaik@gmail.com

ନିକଟରେ ଆଉ ଗୋଟିଏ ଆତଙ୍କ କିଛି ସହରିଆଙ୍କ ମନକୁ ଭୟଭୀତ କରିଦେଇଛି। ଆମ ରାଜ୍ୟରେ 'ଡାଟା ସେଣ୍ଟର' ବା ତଥ୍ୟ କେନ୍ଦ୍ରର ପ୍ରତିଷ୍ଠାକୁ ନେଇ କେତେକ ବର୍ଗରେ ଏବେ ଏକ ବିତର୍କ ଚାଲିଛି। ମୁଖ୍ୟତଃ ଏହାର ଭୟଙ୍କର ପ୍ରଭାବ ସମ୍ପର୍କରେ ଆଲୋଚନା ଏବଂ ଖବର କାଗଜମାନଙ୍କରେ ତଥ୍ୟଭିତ୍ତିକ ଉପସ୍ଥାପନା ସବୁ କରାଯାଉଛି। ଶାସକ ଭାରତୀୟ ଜନତା ପାର୍ଟିକୁ ଛାଡ଼ିଦେଲେ ପ୍ରାୟ ଅଧିକାଂଶ ଅଣ-ଭାଜପା ଦଳର କମକର୍ତ୍ତାମାନେ 'ଡାଟା ସେଣ୍ଟର' ବିତର୍କରେ ଭାଗନେଇ ବିଶ୍ୱରେ କେମିତି ଏହାର ବିରୋଧ କରାଯାଉଛି ନିଜର ଭାଷଣ ଓ ବକ୍ତବ୍ୟ ଉପସ୍ଥାପନ କରି ଅନ୍ୟମାନଙ୍କୁ ବୁଝାଉଛନ୍ତି। ସବୁଠାରୁ କୌତୁହଳର କଥା ଯେ, ମଧ୍ୟବିତ୍ତ ଶ୍ରେଣୀର ଯୋଗଦାନ ଡାଟା ସେଣ୍ଟରବିରୋଧୀ ଆଲୋଚନାରେ ଦେଖିବାକୁ ମିଳୁଛି। କେତେ ରୋଜଗାର ଯିବ, କେତେ ପାଣି ଯିବ, କେତେ ଜଙ୍ଗଲ ଯିବ, କେତେ କୋଇଲା ଜଳିବ, କେତେ ବିଷବଳୟ ସୃଷ୍ଟି ହବ, କେତେ ପରିମାଣରେ ପ୍ରକୃତି ଓ ପରିବେଶ ଧ୍ୱଂସ ପାଇବ ଇତ୍ୟାଦି ଚର୍ଚ୍ଚା କରାଯାଉଛି। ଏହିସବୁ ପ୍ରଶ୍ନ ଅନେକ ଆଗରୁ ଆସିବାର ଥିଲା, ଯେତେବେଳେ ବକ୍ସାଇଟ୍, କୋଇଲା, ଲୁହାପଥର, ଅନ୍ୟାନ୍ୟ ତଥାକଥିତ ଭିତ୍ତିଭୂମି ପ୍ରକଳ୍ପ ଲାଗି ଜଳ, ଜମି, ଜଙ୍ଗଲ ଧ୍ୱଂସ ହେବାର ଲୀଳା ଆରମ୍ଭ ହୋଇଗଲା ମଧ୍ୟବର୍ତ୍ତୀ ଶ୍ରେଣୀର ଅଘୋଷିତ ସମର୍ଥନରେ। ଆଜିକୁ ପାଞ୍ଚ ବର୍ଷ ତଳେ ଡାଉନ ଟୁ ଆର୍ଥର ଜୁନ ୪, ୨୦୨୧ରେ ଅନଲାଇନ୍ ସଂସ୍କରଣରେ ହୃଷିକେଶ ମହାନ୍ତିଙ୍କର ଗୋଟିଏ ତଥ୍ୟଭିତ୍ତିକ ଆଲେଖ୍ୟରେ କୁହାଯାଇଥିଲା ଯେ ମୁଖ୍ୟତଃ ଓଡ଼ିଶାରେ ୫୭,୦୦୦ ହେକ୍ଟର (ଏକ ହେକ୍ଟର = ଅଢ଼େଇ ଏକର) ଜଙ୍ଗଲ ଜମି ଅଣଜଙ୍ଗଲ କାମ ପାଇଁ ବ୍ୟବହାର କରାଯାଉଛି ଏବଂ ସେଥିରୁ ସର୍ବାଧିକ ୨୮,୦୪୦ ହେକ୍ଟର ୪୦୯ହେକ୍ଟର ଜଙ୍ଗଲ ଜମି କେବଳ ୧୮୬ଟି ଖଣି ପାଇଁ ଦିଆଯାଇଛି। ଏଇକଥା ପଢ଼ିବା ବା ଶୁଣିବା କେତେ ଜଣଙ୍କ ଦ୍ୱାରା ସମ୍ଭବ ହେଇଛି ଆମେ ଜାଣିନୁ, ତେବେ କୌଣସି ସ୍ତରରେ କିଛି ପ୍ରତିକ୍ରିୟା ଆସିନଥିଲା। ସେହି ଜଙ୍ଗଲ ଜମିରେ କେତେ କେତେ ପ୍ରକାରର ଗଛ ଥିଲା, କେତେ ସଂଖ୍ୟାରେ ଜୀବଜନ୍ତୁ ଥିଲେ, କେତେ ଛୋଟବଡ଼ ଝରଣା ଥିଲା ଓ କେଉଁ କେଉଁ ନଦୀରେ ଆସି ସେସବୁ ଝରଣା ମିଶୁଥିଲା ? ସେହି ଜଙ୍ଗଲ ଜମିରେ କେତେ ମନୁଷ୍ୟ ରହୁଥିଲେ, ସେମାନେ କିଏ, କ'ଣ କରୁଥିଲେ, କେମିତି ବଞ୍ଚୁଥିଲେ ଓ ଜଙ୍ଗଲ ଜମିକୁ କିଭଳି ଜୀବିକା ପାଇଁ ବ୍ୟବହାର କରୁଥିଲେ ? ଏସବୁର ଅବସ୍ଥା ଏବେ କ'ଣ ? ଏଭଳି ପ୍ରଶ୍ନ କେତେଜଣଙ୍କ ମନରେ ଆସିଥିଲା ଆମେ ଜାଣିନାହୁଁ, କିନ୍ତୁ ତାର ପ୍ରତିଧ୍ୱନି ବା ପ୍ରତିଫଳନ କୌଣସି ଗଣମାଧ୍ୟମରେ ଦେଖିବାକୁ ମିଳିନଥିଲା। ଆମେ କେଉଁଠି ଦେଖିବା ଏବେ ସେ ହଜିଯାଇଥିବା ଗଛ, ଜଙ୍ଗଲ, ଜଳ, ପଶୁପକ୍ଷୀ, ଜୀବଜନ୍ତୁ ଓ ମନୁଷ୍ୟମାନଙ୍କୁ ? ସେମାନଙ୍କର ଖବର ରଖିଛି କିଏ ? ସେମାନଙ୍କ ଖବର ସମ୍ପର୍କରେ ପଚାରୁଛି କିଏ ? କେବେ ଆଲୋଚନା ହୋଇଛି କି ? କେବଳ କେତେକ ନିଷ୍ଠାପର ସାମାଜିକ କର୍ମୀଙ୍କ ବ୍ୟତୀତ ! ସରକାରଙ୍କର ନିଜର ତଥ୍ୟ ମୁତାବକ ୨୦୧୧ରୁ ୨୦୨୧ ଭିତରେ ଓଡ଼ିଶାରେ ୧ କୋଟି ୮୫ ଲକ୍ଷ ୭୪୮ଟି ଗଛ କଟାଯାଇଛି କେବଳ ରାସ୍ତା ଚଉଡ଼ା କରିବା ପାଇଁ। ଏକଥା ସେତେବେଳର ଜଙ୍ଗଲ ମନ୍ତ୍ରୀ ମାର୍ଚ୍ଚ ୩୦, ୨୦୨୧ ଦିନ ବିଧାନସଭାରେ କହିଥିଲେ। ଆମେ କେଉଁଠି କିଛି ପ୍ରତିକ୍ରିୟା ଦେଖିଥିଲେ କି ନାହିଁ, ନିଜକୁ ପ୍ରଶ୍ନ କଲେ ଉତ୍ତରଟି ମିଳିଯିବ। ସେହି ସମାନ ସମୟକାଳରେ ରାଜ୍ୟ ସରକାର ୨୯ ଲକ୍ଷ ୮୩,୫୨୩ଟି କ୍ଷତିପୂରଣ ବନୀକରଣ ଯୋଜନାରେ ବୃକ୍ଷରୋପଣ କରିଥିଲେ ବୋଲି ମଧ୍ୟ ଦାବି କରିଥିଲେ। ପଚାରନ୍ତୁ ନାହିଁ, ସେ ଗଛସବୁ ଏବେ କେଉଁଠି ବଢୁଛି।

ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସର ଅକ୍ଟୋବର ୩, ୨୦୨୬ ସଂସ୍କରଣରେ ସୁଦର୍ଶନ ମହାରଣା ନିଜ ଲେଖା ମାଧ୍ୟମରେ ଜଣେଇଛନ୍ତି ଯେ ଗତ ପାଞ୍ଚ ବର୍ଷ ଭିତରେ ରାଜ୍ୟ ସରକାର ଆହୁରି ଅଧିକ ୧୨,୭୦୦ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାମରେ ଲଗେଇଛନ୍ତି। ଉତ୍ତର ଓଡ଼ିଶାରେ ଇସ୍ପାତ, ସ୍ପଞ୍ଜ ଆଇରନ କାରଖାନା ଓ ଆଲୁମିନିୟମ୍ ସ୍ମେଲ୍‌ଟର ପ୍ଲାଣ୍ଟ ପାଇଁ, ଦକ୍ଷିଣ ଓଡ଼ିଶାରେ ବକ୍ସାଇଟ୍ ଖଣି, ଆଲୁମିନା ରିଫାଇନାରୀ ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ହିସାବ ବହିର୍ଭୂତ ଜଙ୍ଗଲ ଜମି,

ଜଳକ୍ଷେତ୍ର, କୋଇଲା ଜାଳି ବିଦ୍ୟୁତ୍ ଉତ୍ପାଦନ ଅନବରତ ଚାଲିଛି। ଏ ସଂପର୍କରେ ସମ୍ପୂର୍ଣ୍ଣ ତଥ୍ୟ, ସଠିକ୍ ତଥ୍ୟ କାହାପାଖରେ ନାହିଁ। ସରକାର ଯେଉଁ ସବୁ ତଥ୍ୟ ବେଳେବେଳେ ଉପସ୍ଥାପନ କରୁଛନ୍ତି, ସେସବୁକୁ ଭରସା କରାଯାଇ ପାରିବ ନାହିଁ, କାହିଁକି ନା ସରକାର ନିଜେ ହିଁ ସବୁ ପ୍ରକଳ୍ପଗୁଡ଼ିକୁ ବିନା ଦ୍ୱିଧାରେ ଅନୁମୋଦନ ଦେଇ ଚାଲିଛନ୍ତି। ଓଡ଼ିଶାରେ ଜଳର ସ୍ଥିତି ଅତ୍ୟନ୍ତ ସଙ୍କଟପୂର୍ଣ୍ଣ ବୋଲି ଆଗରୁ ସରକାରୀ ତଥ୍ୟ ହିଁ କହିଆସୁଛି। ଏପ୍ରିଲ ୩୦, ୨୦୨୩ର ଏକ ସମ୍ବାଦ ସରବରାହ ସଂସ୍ଥାର ସୌଜନ୍ୟରୁ ପ୍ରକାଶିତ ଦେଶର ଜଳଶକ୍ତି ମନ୍ତ୍ରଣାଳୟର ତଥ୍ୟ କହେ ଯେ ଓଡ଼ିଶାର ୧୯,୬୩୦ଟି ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଧରଣର ଜଳଧାରଣ କରୁଥିବା ଜଳଭିତ୍ତିଭୂମି ଗୁଡ଼ିକ ଶୁଖି ଶୁଖି ଗଲାଣି। ଜଳକ୍ଷେତ୍ରର ପରିସଂଖ୍ୟାନରେ ଦେଶରେ ଓଡ଼ିଶାର ସ୍ଥାନ ଚତୁର୍ଥ ସ୍ଥାନରେ ପ୍ରଥମେ ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଆନ୍ଧ୍ରପ୍ରଦେଶ ପରେ ଏବଂ ଆସାମ ରାଜ୍ୟ ପୂର୍ବରୁ। ଏଇ ପାଞ୍ଚଟି ରାଜ୍ୟ ମିଶି ସାରା ଦେଶର ୬୩ ପ୍ରତିଶତ ଜଳକ୍ଷେତ୍ରଗୁଡ଼ିକୁ ଧାରଣ କରିଥାନ୍ତି। ସେଭଳି କେବଳ ପୋଖରୀ ପରିସଂଖ୍ୟାନରେ ଓଡ଼ିଶାର ସ୍ଥାନ ତୃତୀୟ ଥିଲାବେଳେ ହ୍ରଦକ୍ଷେତ୍ରରେ ପଞ୍ଚମ ଓ ଜଳଭଣ୍ଡାର କ୍ଷେତ୍ରରେ ଚତୁର୍ଥ ସ୍ଥାନରେ ରହିଆସିଛି। ୨୮ ଏପ୍ରିଲ , ୨୦୨୩ର 'ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ' ତଥ୍ୟ ମୁତାବକ ଓଡ଼ିଶାରେ ୩,୫୨୩ଟି ଜଳକ୍ଷେତ୍ର ମୁଖ୍ୟତଃ ଛୋଟବଡ଼ ପୋଖରୀ, ଛୋଟବଡ଼ ମଧ୍ୟମ ଧରଣର ଜଳଭଣ୍ଡାର, ଶିଳ୍ପକ୍ଷେତ୍ର ପାଇଁ ପାଣି ଯୋଗେଇ ଆସିଥିଲା। ବଡ଼ବଡ଼ ଶିଳ୍ପ କାରଖାନାମାନେ ମୁଖ୍ୟତଃ ଓଡ଼ିଶାର ୧,୫୧,୯୬୬ ବର୍ଗ କିଲୋମିଟର ଦୀର୍ଘ ୧୧ଟି ବୃହତ୍ ନଦୀ ଉପତ୍ୟକାକୁ ଉପତ୍ୟକାରୁ ଜଳ ସଂଗ୍ରହ କରିଚାଲିଛନ୍ତି। ସେଗୁଡ଼ିକ ଭିତରେ ମୁଖ୍ୟତଃ ରହୁଛି-ମହାନଦୀ, ବ୍ରାହ୍ମଣୀ, ବୈତରଣୀ ଓ ସୁବର୍ଣ୍ଣରେଖା ନଦୀ ଅବବାହିକା ବ୍ୟବସ୍ଥା। ସେଭଳି ଓଡ଼ିଶାର ଜଳସଂପଦ ବିଭାଗ ପରିଚାଳନା କରୁଥିବା ୭ଟି ବୃହତ୍ ଜଳଭଣ୍ଡାର ଯଥା- ହୀରାକୁଦ, ରେଙ୍ଗାଲୀ, ଉପର ଇନ୍ଦ୍ରାବତୀ, ଉପର କୋଲାବ, ବାଲିମେଳା, ଜଳପୁଟ ଓ ସାଳନ୍ଦୀ ଏବେ ଶିଳ୍ପ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ ପାଇଁ ପାଣି ଯୋଗେଇ ଆସୁଛନ୍ତି।

ସେଭଳି ୪୦ଟି ମଧ୍ୟମ ଧରଣର ଜଳଭଣ୍ଡାର ମଧ୍ୟ ଏହି ବିଭାଗ ପରିଚାଳନା କରୁଛି। ଏଇ ସବୁରୁ ଶିଳ୍ପ ପାଇଁ ପାଣି ହୁଏତ ଯୋଗେଇ ଦିଆଚାଲିଛି ବା ଯୋଗେଇ ଦେବାର ପରିକଳ୍ପନା କରାଯାଇଛି। ମହାନଦୀ ଭଳି କେତେକ ନଦୀର ପାଣି ସିଧାସଳଖ ପାଖରେ ଥିବା ବଡ଼ବଡ଼ ସହରମାନଙ୍କୁ ପାଣି ଯୋଗେଇ ଆସୁଛି। ଚତୁର ବୋଲି ଗର୍ବ କରୁଥିବା କଟକବାସୀ ଦେଖିଆସୁଛନ୍ତି କିଭଳି ମହାନଦୀରେ ବଡ଼ବଡ଼ ପାଇପ୍ ବିଛାଇ ମହାନଦୀ ପାଣିକୁ ସିଧାସଳଖ ଦୂରରେ ଥିବା ଶିଳ୍ପକେନ୍ଦ୍ରଗୁଡ଼ିକୁ ଅନବରତ ପଠାଚାଲିଛି। କଟକବାସୀଙ୍କର ପ୍ରତିକ୍ରିୟା କିଛି ନାହିଁ।

ବିସ୍ଥାପିତ ବା ରୋଜଗାର ହରାଉଥିବା ମଣିଷମାନଙ୍କ କଥା ଛାଡ଼ନ୍ତୁ, ଆମୋଦପ୍ରମୋଦ ଭିତରେ ବଢୁଥିବା ସହରିଆମାନଙ୍କ ପାଇଁ ବି ଅନେକ ଦିନରୁ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପାଣିଚୋରି ହେବାରେ ଲାଗିଛି। ହଠାତ୍ କିଛି ସହରିଆଙ୍କର ନିଦକୁ ନରାଜ ଠାରେ ପ୍ରସ୍ତାବିତ 'ଡାଟା ସେଣ୍ଟର' ଭାଙ୍ଗିଦେଇଛି ଏବଂ ସେମାନେ ପାଣି କଥା ଚିନ୍ତା କରିବା ଆରମ୍ଭ କରିଦେଇଛନ୍ତି।

ତେବେ ଓଡ଼ିଶାରେ ଏହି ଯେଉଁ ଚର୍ଚ୍ଚା, ଆଲୋଚନା ଏବଂ ଆଲେଖ୍ୟ ଉପସ୍ଥାପନା କିଛି ଦିନ ଧରି ଚାଲିଛି, ତାହା ଅଚାନକ ବା ଆକସ୍ମିକ ଭଳି ଲାଗିଲେ ବି ଆଦୌ ଆକସ୍ମିକ ନୁହେଁ। କାହିଁକି ନା ଏହାପୂର୍ବରୁ ଆମେରିକା, ୟୁରୋପ ଏବଂ ବିଶ୍ୱର ଅନ୍ୟାନ୍ୟ ଦେଶରେ 'ଡାଟା ସେଣ୍ଟର' ବା ତଥ୍ୟ କେନ୍ଦ୍ରର ପ୍ରତିଷ୍ଠା ବିରୁଦ୍ଧରେ ବ୍ୟାପକ ପ୍ରତିରୋଧ ଓ ପ୍ରତିବାଦ କାର୍ଯ୍ୟକ୍ରମମାନ ଚାଲିଛି, ଯାହାକି ସାମାଜିକ ଗଣମାଧ୍ୟମରେ ବହୁଳଭାବରେ ପ୍ରସାରିତ ହୋଇଚାଲିଛି। ଆମେରିକା ଭଳି ଗୋଟିଏ ଦେଶର ପେନସିଲ୍‌ଭାନିଆ ଭଳି ରାଜ୍ୟରେ ଲୋକେ ପ୍ରତିବାଦ କରି 'ଡାଟା ସେଣ୍ଟର' ପ୍ରତିଷ୍ଠା ବି ବନ୍ଦ କରିଦେଇ ପାରିଛନ୍ତି। ସମଗ୍ର ୟୁରୋପରେ ଏହି ତଥ୍ୟ କେନ୍ଦ୍ରଗୁଡ଼ିକୁ ନେଇ ଅନେକ ଜନପ୍ରତିବାଦ ବ୍ୟାପିବାରେ ଲାଗିଛି ଏବଂ ସରକାରମାନଙ୍କ ସ୍ଥିତି ଅଧିକରୁ ଅଧିକ ଜଟିଳ ହେବାରେ ଲାଗିଛି। କେତେ ରାଷ୍ଟ୍ରରେ ସରକାରମାନେ ବି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏଇ ଜନପ୍ରତିରୋଧକୁ ସମର୍ଥନ କରୁଛନ୍ତି। ଏହାର ପ୍ରଭାବ ଏବେ ଆମ ଦେଶରେ, ବିଶେଷକରି ଆମ ରାଜ୍ୟ ଓଡ଼ିଶାରେ ଦେଖିବାକୁ ମିଳୁଛି।

ଏହି ତଥ୍ୟ କେନ୍ଦ୍ର ବା ଡାଟା ସେଣ୍ଟର ଗୁଡ଼ିକ କଣ ଏବଂ କାହିଁକି ତାକୁ ବିରୋଧ କରାଯାଉଛି ? ଏଭଳି ଏକ ପ୍ରଶ୍ନ ମନରେ ଆସିପାରେ। ଏହି କେନ୍ଦ୍ରଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ସଂରକ୍ଷିତ ରଖାଯାଇଥାଏ ଏବଂ ସେଥିପାଇଁ ଅବଶ୍ୟକ ହେଉଥିବା ଶକ୍ତି, ଜଳ ଏବଂ ଅନ୍ୟାନ୍ୟ ଜରୁରୀ ଜିନିଷଗୁଡ଼ିକୁ ୨୪ଘଣ୍ଟା ଅନବରତ ଯୋଗେଇବାର ବନ୍ଦୋବସ୍ତ ମଧ୍ୟ କରାଯାଇଥାଏ, ଯାହାର ଫଳରେ ଏହି ଡାଟା ସେଣ୍ଟର ଗୁଡ଼ିକ ବା ତଥ୍ୟ କେନ୍ଦ୍ରଗୁଡ଼ିକ ଅତି ଉଚ୍ଚକ୍ଷମତା ସମ୍ପନ୍ନ ସର୍ଭରଗୁଡ଼ିକୁ କାର୍ଯ୍ୟରତ ରଖିବାରେ ସକ୍ଷମ ହୋଇପାରିବେ।

ଆମେରିକା, ୟୁରୋପରେ ଏହା ବିରୁଦ୍ଧରେ ଜନପ୍ରତିବାଦର କେତୋଟି ପ୍ରମୁଖ କାରଣ ଭିତରେ ରହିଛି ଯେ, ଯେଉଁଭଳି ବିଜୁଳି ଶକ୍ତିର ବ୍ୟାପକ ପରିମାଣରେ ଡାଟା ସେଣ୍ଟର ଗୁଡ଼ିକରେ ବ୍ୟବହାର ହେବ, ତାହାର ପ୍ରତିଷ୍ଠା ଓ ପରିଚାଳନା ପାଇଁ ଶକ୍ତି ଯୋଗାଣ କରୁଥିବା କଂପାନୀମାନେ ଅଧିକ ଖର୍ଚ୍ଚ କରିବେ। ସେଇ ଅର୍ଥ ସେମାନେ ସାଧାରଣ ଟିକସଦାତାମାନଙ୍କଠାରୁ ଆଦାୟ କରିବେ, ଯାହାଫଳରେ ବିଦ୍ୟୁତ୍ ବିଲ୍‌ଗୁଡ଼ିକ ବହୁଗୁଣ ବଢ଼ିଯିବାର ସମ୍ଭାବନା ରହିଛି। ପୁଣି ଏହି ଉଚ୍ଚ କ୍ଷମତାସମ୍ପନ୍ନ ସର୍ଭରଗୁଡ଼ିକୁ ଅନବରତ ସକ୍ରିୟ ରଖିବାପାଇଁ ସେସବୁକୁ ଥଣ୍ଡା ରଖିବାକୁ ପଡ଼େ, ଯେଉଁଥିପାଇଁ କୋଟି କୋଟି ଗ୍ୟାଲନ୍ ପାଣି ପ୍ରତ୍ୟେକ ଦିନ ବ୍ୟବହାର କରିବାକୁ ପଡ଼ିଥାଏ। ତାହା ସାଧାରଣ ଲୋକଙ୍କର ଦୈନନ୍ଦିନ ପିଇବା ପାଣି ଓ ଚାଷୀମାନଙ୍କର ବ୍ୟବହାରରେ ଆସୁଥିବା ପାଣିକୁ ହିଁ ବ୍ୟବହାର କରି ଏହି ତଥ୍ୟ କେନ୍ଦ୍ରଗୁଡ଼ିକୁ ଚଳାଇ ରଖାଯାଇପାରେ। ଅର୍ଥାତ୍ ସାଧାରଣ ଲୋକଙ୍କର ପାଣି ଏବଂ ଚାଷୀଙ୍କର ପାଣି ଚୋରି ହେବାର ସମ୍ଭାବନା ବ୍ୟାପକ ଭାବେ ଏଠି ଦେଖାଯାଇଥାଏ। ଭୟଙ୍କର ଶକ୍ତି ଉତ୍ପାଦନ ଯୋଗୁଁ ପରିବେଶ ପ୍ରତି ବିପଦ ମଧ୍ୟ ରହିଥିବାର ଆଶଙ୍କା କରାଯାଇଥାଏ।ସ୍ଥାନୀୟ ସ୍ତରରେ କାହାକୁ କିଛି ରୋଜଗାର ମିଳିବାର ନାହିଁ ବା କୌଣସି ପ୍ରକାରେ କେହି କିଛି ଲାଭ ବି ପାଇବାର ନାହିଁ। ଅନ୍ୟପଟେ, କୃତ୍ରିମ ବୁଦ୍ଧିର ପ୍ରୟୋଗ ଯୋଗୁଁ ବଡ଼ ବଡ଼ କଂପାନୀମାନଙ୍କରେ କାମ କରୁଥିବା ଆମ ମଧ୍ୟବିତ୍ତ ଶ୍ରେଣୀର ଚାକିରିଆ ପିଲାମାନଙ୍କର ରୋଜଗାର ବୁଡ଼ିଯିବାର ଆଶଙ୍କା ମଧ୍ୟ ଏହି ଡାଟା ସେଣ୍ଟରଗୁଡ଼ିକ ବଢ଼େଇଥା'ନ୍ତି। 'ସମଦୃଷ୍ଟି'ର ଏକ ବିଶେଷ ସଂଖ୍ୟାରେ ଏ ବାବଦରେ ପରେ ବିଶଦ ଭାବେ ଆଲୋଚନା କରାଯିବ।

ଏଠି କେବଳ ଏତିକି କହିବା ଉଚିତ ହେବ ଯେ, ସେମାନେ ଯେତେବେଳେ ବକ୍ସାଇଟ୍ ଖୋଳିବା ପାଇଁ ଜଙ୍ଗଲ ଓ ପାହାଡ଼ ଧ୍ୱଂସ କଲେ, ଆମେ ନୀରବ ରହିଲେ; କାରଣ ଆମକୁ କୁହାଗଲା ବିକାଶ ହେବ। ଯେତେବେଳେ ଗୋଟିଏ ପରେ ଗୋଟିଏ କୋଇଲା ଖଣି ଖୋଳିବା ଚାଲିଲା, ଇସ୍ପାତ କାରଖାନା ସ୍ଥାପନ ହେଲା, ଆମର ପାଣି, ଜଙ୍ଗଲ, ନଦୀ ଇତ୍ୟାଦି ଗୋଟିଏ ପରେ ଗୋଟିଏ ଶୁଖିଗଲା ବା ହଜିଗଲା, ଆମେ ନୀରବ ରହିଲେ; କାରଣ ଆମର ବିକାଶ ହେବ। ଏଭଳି ଅନେକ ଘଟଣା ଘଟିଚାଲିଲା, ଲୋକେ ବିସ୍ଥାପିତ ହେଲେ, ଦାଦନ ଖଟିବା ପାଇଁ ହଜାର ହଜାର ମାଇଲ୍ ଦୂରକୁ ଚାଲିଗଲେ, କିଏ କେଉଁଠି ରହିଲେ କିଛି ପତ୍ତା ମିଳିଲାନି, ଆମେ କିନ୍ତୁ ନୀରବ ରହିଲେ; କାରଣ ଆମକୁ କୁହାଗଲା ଆମର ବିକାଶ' ହେବ। ଏବେ ଯେତେବେଳେ ପାହାଡ଼ ପାଉଁଶ ହେଲା, ଜଙ୍ଗଲ ଉଜୁଡ଼ିଗଲା, ଝରଣା ଶୁଖିଗଲା, ନଦୀରେ ପାଣି ନାହିଁ, ଏବଂ ନଗରରୁ ଆସୁଥିବା ଆମ ସହରୀଆଙ୍କର ପିଇବା ପାଣି ଉପରେ ନଜର ପଡ଼ିଲା ଏବଂ ଆମକୁ ବିଦେଶରୁ ସୂଚନା ମିଳିଲା ଯେ ଆମର ଏସି ବି ଆଉ ଚାଲିବ ନାହିଁ, ଆମକୁ ପିଇବା ପାଇଁ ପାଣି ବି ମିଳିବ ନାହିଁ, ହଠାତ୍ ଆମ ଆଖିରେ ଡାଟା ସେଣ୍ଟର ଦେଖାଗଲା। ତଥାପି ବିକାଶ ଦର୍ଶନର ଭୂତ ଆମକୁ ଛାଡ଼ି ଯାଇପାରୁ ନାହିଁ। ଶବ୍ଦ ଭିତରେ ପ୍ରତିକ୍ରିୟାଗୁଡ଼ିକ ସୀମିତ ରହିଲେ ତାର ପରିଣାମ କ'ଣ ହେବ, ହୁଏତ ଆମେ ଏହା ଉପରେ ଚିନ୍ତା ବି କରନ୍ତି ନାହିଁ। ଆମେ ହୁଏତ ବିକାଶ କ'ଣ ଏଯାଏଁ ବୁଝିନାହାନ୍ତି ବା ବୁଝିବା ପାଇଁ ସକ୍ଷମ ନାହାନ୍ତି ବା ଇଚ୍ଛୁକ ନାହାନ୍ତି।